# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସଜେଇ ହେଉଛି ରାୟଗଡ଼ା ସହର

**ରାୟଗଡ଼ା,୨୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିସେମ୍ବର ୨୬ରେ ଦୁଇ ଦିନିଆ ରାୟଗଡ଼ା ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ରାୟଗଡ଼ାରେ ପ୍ରଧାନମନ୍ତ୍ରୀଙ୍କ ଏକ ଲାଇଭ୍ କାର୍ଯ୍ୟକ୍ରମରେ ମଧ ଯୋଡ଼ି ହେବେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ହେବା ପରେ ମାଝୀଙ୍କ ଏହା ପ୍ରଥମ ଗସ୍ତ ହୋଇଥିବାରୁ ଜିଲାକୁ ସଜାଇବାରେ ଲାଗିଛି ପ୍ରଶାସନ । ଯେଉଁସବୁ ରାସ୍ତାରେ ମୁଖ୍ୟମନ୍ତ୍ରୀ ଯିବେ ସେଠାରେ ସରକାରୀ କୋଠାଗୁଡିକ ରଙ୍ଗ ଦିଆଯିବା ସହିତ କାନ୍ଥଗୁଡିକରେ ଜିଲା ପାରମ୍ପରିକ ଓ ସଂସ୍କୃତି ସମ୍ବନ୍ଧିତ ଚିତ୍ର ଅଙ୍କା ଚାଲିଛି । ମୁଖ୍ୟତଃ ଜିଲାପାଳଙ୍କ କାର୍ଯ୍ୟାଳୟ, ସଂସ୍କୃତି ଭବନ, ଜିଲା ପରିଷଦ କାର୍ଯ୍ୟାଳୟ, ସର୍କିଟ ହାଉସ, ଜିସିଡି ପଡିଆ ଅଞ୍ଚଳର ସମସ୍ତ ସରକାରୀ କାନ୍ଥରେ ଜିଲାର ସଂସ୍କୃତି ସମ୍ବନ୍ଧୀୟ ଚିତ୍ର ସୁନ୍ଦର ଭାବରେ ଚିତ୍ରିତ କରାଯାଉଛି । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ କିଛି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନର କାର୍ଯ୍ୟକ୍ରମ ମଧ ସ୍ଥିର ହୋଇଛି । ସ୍ୱାସ୍ଥ୍ୟ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ସମବାୟ ବିଭାଗର ପ୍ରକଳ୍ପ ଶିଳାନ୍ୟାସ ହେବା ନେଇ ସୂଚନା ରହିଥିଲେ ମଧ ଆନୁଷ୍ଠାନିକ ଘୋଷଣା ହୋଇନାହିଁ।



ସରକାରୀ କାନ୍ଥରେ ଜିଲା ପାରମ୍ପରିକ ଓ ସଂସ୍କୃତି ସମ୍ବନ୍ଧିତ ଚିତ୍ର ଅଙ୍କାଚାଲିଛି ।

ଡିସେମ୍ବର୨୬ ତାରିଖ ସନ୍ଧ୍ୟାରେ ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତିକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ ବୋଲି ଜଣାପଡ଼ିଛି । ଏହାପରେ ୨୭ରେ ସମୀକ୍ଷା କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ

## ସରକାରୀ କାନ୍ଥରେ ଅଙ୍କାଯାଉଛି ପାରମ୍ପରିକ, ସଂସ୍କୃତି ସମ୍ବନ୍ଧିତ ଚିତ୍ର

ସିଂଦେଓ, ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ସୂର୍ଯ୍ୟବଂଶୀ ସୂରଜ, ବିଭୂତି ଭୂଷଣ ଜେନା, ରବି ନାରାୟଣ ନାୟକ ପ୍ରମୁଖ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ରହିବା ସ୍ଥାନଠାରୁ ଆରମ୍ଭ କରି ସମୀକ୍ଷା ବୈଠକ ସମସ୍ତ ଅଞ୍ଚଳକୁ କଡ଼ାକଡ଼ି ଭାବେ ଯାଞ୍ଚ କରୁଛି ପୋଲିସ । ମୁଖ୍ୟମନ୍ତ୍ରୀ ରାୟଗଡ଼ାଠାରେ ରହିବା ସମୟରେ ଅନ୍ୟ ମନ୍ତ୍ରୀମାନେ କିଛି ବ୍ଲକ ଯିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହେଉଛି। ମୁଖ୍ୟତଃ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭିନ୍ନ ବ୍ଲକର ନିର୍ମାଣାଧୀନ ମିନି ଷ୍ଟାଡିୟମ ବୁଲି ଦେଖିବା ସହିତ ଧାନ ମଣ୍ଡିକୁ ଯିବେ ବୋଲି ଜଣାପଡିଛି। ସେହିଭଳି ମନ୍ତ୍ରୀ ସୁରେଶ ପୂଜାରୀ ପ୍ରସ୍ତାବିତ ମେଡିକାଲ କଲେଜ ଅଞ୍ଚଳ ବୁଲିବା ଓ କାଶୀପୁର ବ୍ଲକକୁ ଯିବା, ମନ୍ତ୍ରୀ ରବି ନାୟକ ମୁନିଗୁଡ଼ା ବ୍ଲକର ବିଭିନ୍ନ ଧାନ ମଣ୍ଡି ବୁଲିବା ଏବଂ ଏମ୍‌ଜିଏନଆରଇଜିଏସ୍ ପ୍ରକଳ୍ପ ପରିଦର୍ଶନ କରିବା ନେଇ ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଜିଲାରେ ଭାଜପା ନେତା ଓ କର୍ମୀମାନେ ଚଳଚଞ୍ଚଳ ହୋଇଥିବା ଦେଖିବାକୁ ମିଳିଛି । ଶାନ୍ତିଶୃଙ୍ଖଳାରେ ଦଳୀୟ ବୈଠକ କିଭଳି ଅନୁଷ୍ଠିତ ହେବ ସେ ନେଇ ଆଲୋଚନା ଚାଲିଛି । ଦଳର ଜିଲା କାର୍ଯ୍ୟାଳୟକୁ କିଛି ମନ୍ତ୍ରୀ ଯିବାର ସୂଚନା ମିଳିଛି। ସେଠାରେ ପଦାଧିକାରୀଙ୍କ ବୈଠକ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ସମସ୍ତ ପଦାଧିକାରୀ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ଗଣିତ ଦିବସରେ ଜାତୀୟ ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ଗୁଣପୁର,୨୨।୧୨(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱ ବିଦ୍ୟାଳୟରେ ରବିବାର ଗଣିତ ଦିବସ ଅବସରରେ 'ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଗଣିତର ଭୂମିକା' ଶୀର୍ଷକ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏଭିଏନଏଲ ଶର୍ମା ଯୋଗଦେଇ ଗଣିତର ଭୂମିକା ଓ ଇତିହାସ ବିଷୟରେ କହିଥିଲେ । ବରିଷ୍ଠ ପ୍ରଫେସର ତଥା ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଗଣିତର ବ୍ୟବହାର ବିଷୟରେ କହିଥିଲେ। ଏହି ସମ୍ମିଳନୀରେ ଝାଡ଼ଖଣ୍ଡସ୍ଥିତ ବିଆଇଟି ମେସ୍ରାର ପ୍ରଫେସର ଡ. ପ୍ରଭାସ ରଞ୍ଜନ ବଳ ଏବଂ ବ୍ରହ୍ମପୁରସ୍ଥିତ ଆଇଜରର ପ୍ରଫେସର ଡ. ଜି. କାଶୀ ବିଶ୍ୱନାଧମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଗଣିତଜ୍ଞ ରାମାନୁଜଙ୍କ ବିଷୟରେ କହିଥିଲେ। ଏହି ସମ୍ମିଳନୀରେ ବିଭାଗୀୟ ପ୍ରଫେସର ଓ ଗବେଷଣାରତ ଛାତ୍ରୀଛାତ୍ର ବିଭିନ୍ନ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଏହି ସମ୍ମିଳନୀର ଆବାହକ ଡ. ଏନ ଜଗନ୍ନାଥ ରାଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଆବାହକ ଡ. ତାପସ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକା, ଗବେଷଣାରତ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧ୍ୟାପିକା ବି. ପ୍ରିୟଙ୍କା ଓ ପି. ଦୀପିକା ମଞ୍ଚ ପରିଚାଳନା କରିଥିଲେ।

# ରାୟଗଡ଼ା ଜିଲାରୁ ଭାଗନେବେ ୫ ଦିବ୍ୟାଙ୍ଗ

**ରାୟଗଡା,୨୨।୧୨ (ଭାଗ୍ୟଶ୍ରୀ ମିଶ୍ର)**

ପାରା ସ୍ପୋର୍ଟସ ଆସୋସିଏଶନ ଅଫ ଓଡିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପାରା ଆଥଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ରାୟଗଡ଼ା ଜିଲର ୫ ଜଣ ଦିବ୍ୟାଙ୍ଗ ଖେଳାଳି ମନୋନୀତ ହୋଇଛନ୍ତି । ଖେଳାଳି ରୋହିତ ନାଏକ, ରଥିରାମ ଗଉଡ଼, ଚିରଞ୍ଜିବୀ ପାତିକା, ଶଙ୍କର ଖୋସଲା ଏବଂ ଦେଙ୍ଗାକୁରୁ ଜିରିମିଆଁ ରବିବାର ରାତିରେ ରାୟଗଡ଼ା ରେଳ ଷ୍ଟେଶନରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ତେବେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମେଡାଲ ଆଣିବୁ ବୋଲି ଖେଳାଳି ରୋହିତ ନାଏକ କହିଛନ୍ତି । ଉକ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ବିକଳାଙ୍ଗ ମଞ୍ଚର ସମ୍ପାଦକ ଜଳନ୍ଧର ବାଟେଲି, ଗୁଣପୁରସ୍ଥିତ ଏ.ବି.ଏସ.କେ.ପି ଡିଗ୍ରୀ କଲେଜର ଉପ-ଅଧ୍ୟକ୍ଷ ବିଜୟ କୁମାର ମେଲାକା, ଜିଲା କ୍ରୀଡ଼ା ଅଧିକାରୀ ସେକ୍ ଆଲିନୁର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଉପଖଣ୍ଡ) ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ରାୟଗଡ଼ା ରେଳ ଷ୍ଟେଶନକୁ ଯାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରକାଶ ଥାଉ କି, ଓଡିଶା ପାରା ସୁଇମିଂ ମୁଖ୍ୟ ସୁଶାନ୍ତ କୁମାର ମଲ୍ଲିକ, ଓଡ଼ିଶା ପାରା ସ୍ପୋର୍ଟସ ଆସୋସିଏଶନ ସମ୍ପାଦକ ସୁନୀଲ କୁମାର ପ୍ରଧାନଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ବୋଲି ଓଡିଶା ବିକଳାଙ୍ଗ ମଞ୍ଚର ସମ୍ପାଦକ ପ୍ରତିକ୍ରିୟା ଦେଇଛନ୍ତି ।

## ରାଜ୍ୟ ପାରା ଆଥଲେଟିକ୍ସ ପ୍ରତିଯୋଗିତା





ଭୁବନେଶ୍ୱର ଅଭିମୁଖେ ବାହାରିଥିବା ଖେଳାଳି ।

# କଳା, ସଂସ୍କୃତିର ମାଟି ଗୁଣପୁର





ଚଇତି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଗୁଣପୁର,୨୨।୧୨(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ତହସିଲ ଅଫିସ ନିକଟ କେନ୍ଦ୍ରୀୟ ବିଦ୍ୟାଳୟ ପଡିଆଠାରେ ୨ ଦିନ ଧରି ଚାଲୁଥିବା ଉପଖଣ୍ଡସ୍ତରୀୟ ଚଇତି ଉତ୍ସବ ଇଡିତାଲ - ୨୦୨୪ ରବିବାର ଉଦ୍‌ଯାପିତ ହୋଇଛି । ଚଇତି କମିଟିର ଅଧ୍ୟକ୍ଷା ତଥା ଗୁଣପୁର ଉପ ଜିଲାପାଳଙ୍କ କିରଣ ଦୀପ କୌର ସହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲ ସ୍ୱାମୀ କାଡ୍ରକା, ବିଷମକଟକ ବିଧାୟକ ନୀଳମାଧବ ହିକକା, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ଼, ବ୍ଲକ ଅଧ୍ୟକ୍ଷା ଝିଲି ଶବର ପ୍ରମୁଖ ଯୋଗଦେଇ ଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ଗୁଣପୁର ମାଟି କଳା ସଂସ୍କୃତିର ସ୍ଥାନ । ଏଠାର ବହୁ ପ୍ରତିଭାଙ୍କ ଯୋଗୁ ଗୁଣପୁର ଗୌରବାନ୍ୱିତ ବୋଲି କହିଥିଲେ । ଚଇତି କମିଟିର ଆବାହକ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ମଞ୍ଚାସୀନ ରହି ଆଭିମୁଖ୍ୟ ରଖିଥିଲେ । ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବାବେଳେ ଉମାକାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରଶାସନିକ ଅଧିକାରୀ, ରାଜନେତା ଏଂ ଅନ୍ୟାନ୍ୟ ବିଭାଗର ଅଧିକାରୀ, ଲୋକ ପ୍ରତିନିଧି ଏଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ । ଖବରଦାତା ଦେବେନ୍ଦ୍ର ଚୌଧୁରୀ, ଲୋକନାଥ ପାଣିଗ୍ରାହି, ସାମାଜିକ କର୍ମୀ ବାଞ୍ଛାନିଧି ମହାନ୍ତି, ଦିବ୍ୟାଙ୍ଗ ପାଇଁ ସମ୍ବଳ ବ୍ୟକ୍ତି ଶିକ୍ଷକ ନୀଳାଞ୍ଚଳ ମିଶ୍ର, ଅଲ ଇଣ୍ଡିଆ ରେଡିଓ କଣ୍ଠଶିଳ୍ପୀ ଡ.ଚନ୍ଦନ ଗନ୍ତାୟତ, ଉଦ୍ୟୋଗପତି ଆଦିତ୍ୟ ନାରାୟଣ ମିଶ୍ରଙ୍କୁ ଅଞ୍ଚଳର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ୨୦ଟି ସାଂସ୍କୃତିକ ଦଳ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଡ. ସନ୍ଧ୍ୟାରାଣୀ ଦଳେଇ, ଉତ୍ତମ ଦାସ, ବେବିରାଣି ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସକାଳେ କବିତା ପାଠ ଉତ୍ସବ ମଧ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଗାୟିକା ତଥା ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲେ ।

## ଚଇତି ଇଡିତାଲ ୨୦୨୪ ଉଦ୍‌ଯାପିତ

# ନଦୀରୁ ଯୁବକଙ୍କ ମୃତଦେହ ଜବତ

**ରାୟଗଡ଼ା,୨୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହର କନ୍ଧ ଦୁମ୍ପିଗୁଡ଼ା ନିକଟସ୍ଥ ନାଗାବଳୀ ନଦୀରେ ଶନିବାର ସନ୍ଧ୍ୟାରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ଏ ନେଇ ପୋଲିସକୁ ସୂଚନା ଦେଇଥିଲେ । ସନ୍ଧ୍ୟା ହୋଇଯାଇଥିବା ଓ ଲଗାତର ବର୍ଷା କାରଣରୁ ନଦୀକୁ ଯାଇ ମୃତଦେହକୁ ଉଦ୍ଧାର କରାଯାଇପାରି ନ ଥିଲା । ରବିବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଦେଖିବା ପରେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଯାଇ ନଦୀରୁ ମୃତଦେହକୁ ଜବତ କରିଥିବା ଜଣାପଡ଼ିଛି। ତେବେ ମୃତକଙ୍କ ପରିଚୟ ମିଳିନାହିଁ ଏବଂ ଏହା କେଉଁଠାରୁ ଭାସି ଆସିଛି ତାହା ମଧ ଜଣାପଡ଼ିନାହିଁ । ପୋଲିସ ମୃତକଙ୍କ ପରିଚୟ ଅନୁସନ୍ଧାନ କରିବା ସହିତ ଘଟଣାର ତଦନ୍ତ କରୁଥିବା ଆଇଆଇସି କେକେବିକେ କହିଁର ସୂଚନା ଦେଇଛନ୍ତି ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାୟଗଡ଼ା,୨୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ବ୍ଲକ ତାଡମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି ମୁଖ୍ୟ ଅତିଥି ଓ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାସ, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ କ୍ଷିରେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ଆଦର୍ଶ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ଓ ସରକାରଙ୍କ ଉଦ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଚିତଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିଥିଲେ।





ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଗଡ଼ିଲା ପାଣି ପଞ୍ଚାୟତ ସଚେତନତା ରଥ

**ରାୟଗଡ଼ା,୨୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ସଚେତନତା ରଥ ରବିବାରଠାରୁ ଗଡିଛି। ଜିଲାପାଳ ପାରୁଲ ପଟାୱରି ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ପରିସରରୁ ଏହି ରଥ ଶୁଭାରମ୍ଭ କରିଛନ୍ତି । ସପ୍ତାହ ବ୍ୟାପି ଏହି ରଥ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ସାଧାରଣ ଲୋକ ଓ ଚାଷୀଙ୍କୁ ତାଙ୍କ କର୍ତ୍ତବ୍ୟ କ'ଣ ହେବା ଉଚିତ ସେ ଉପରେ ଜନ ସଚେତନତା କରିବ ବୋଲି ଜିଲାପାଳ ପାରୁଲ କହିଥିଲେ । ଶୁଭାରମ୍ଭ ପରେ ସ୍ଥାନୀୟ ସିଲଟିଗୁଡ଼ା, ଜାଙ୍ଗିଡି, ଚମ୍ପିକୋଟ, କୋଡେଶୁ ଏବଂ ବିଷ୍ଣୁଗୁଡା ଏମ.ଆଇ.ପି ଅଞ୍ଚଳରେ ବୁଲିଛି ରଥ। ସେହିଭଳି ସୋମବାର ଡାଣ୍ଡିପୁର, ରିଭଲକଣା, ଶିକରପାଇ, ହାତିମୁଣ୍ଡା ଓ ବିନିସପୁର ଏମ. ଆଇ.ପି ଏବଂ ମଙ୍ଗଳବାର ବିଷମକଟକ ବ୍ଲକ ଉପରଗଦଗଦା, ତଳଗଦଗଦା, କନିଯୋଡି, କାଙ୍କୁବାଡ଼ି ଇତ୍ୟାଦି ପ୍ରକଳ୍ପ ଗୁଡ଼ିକର କ୍ଷେତ୍ରରେ ବୁଲି ପାଣି ପଞ୍ଚାୟତର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ସଚେତନ କରିବ । ଏହି କାର୍ଯ୍ୟକ୍ରମରେ ଅଧିକ୍ଷଣ ଯନ୍ତ୍ରୀ ଡି.ସୁଧାକର କୁମାର, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ଼. ଦୟାନିଧି ବାଗ, ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର ଓ ଅନ୍ୟ ଅଧିକାରୀ ଯୋଗଦେଇଥିଲେ। ୨୦୨୫ ଜାନୁୟାରୀ ୫ ଯାଏଁ ପାଣି ପଞ୍ଚାୟତ ପକ୍ଷ ଚାଲିବ ବୋଲି ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁଧାକର ସୂଚନା ଦେଇଛନ୍ତି ।



ଜିଲାପାଳ ଓ ଅନ୍ୟମାନେ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

**ଜେକେ ପୁର,୨୨।୧୨ (ରାଜେଶ ବିଶ୍ୱାଳ)**

ରାୟଗଡ଼ା କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀନ ସିଲ୍ଲିଗୁଡ଼ାସ୍ଥିତ ଅଧିକ୍ଷଣ ଯନ୍ତ୍ରୀ ପ୍ରକଳ୍ପଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ ଆପଲ୍ଲା ସ୍ୱାମୀ କାଡ୍ରାକା, ସମ୍ମାନିତ ଅତିଥିଭାବେ ବିଷମକଟକ ବିଧାୟକ ନୀଳମାଧବ ହିକକା, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଅଧିକ୍ଷଣ ଯନ୍ତ୍ରୀ ଦୁସି ସୁଧାକର କୁମାର, ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ କର, କୃଷି ଉଦ୍ୟାନ ଉପନିର୍ଦ୍ଦେଶକ ଦୟାନିଧି ରାଉତ ଓ କ୍ଷୁଦ୍ର ଜଳସେଚନ ବିଭାଜନର ସମସ୍ତ ଯନ୍ତ୍ରୀ ଏବଂ ସମସ୍ତ ପାଣି ପଞ୍ଚାୟତର ସଭ୍ୟମାନେ ଯୋଗ ଦେଇଥିଲେ। ଉକ୍ତ ସମାରୋହରେ ଜଳର ସୁପରିଚାଳନା, ସୁବିନିଯୋଗ ଏବଂ ସୁଷମ ବଣ୍ଟନରେ ପାଣି ପଞ୍ଚାୟତର କାର୍ଯ୍ୟ ଓ ଏହାର ଭୂମିକା କ'ଣ ସେ ବିଷୟରେ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ଏହି ଅବସରରେ ୮ମ ରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭାଜନସ୍ତରୀୟ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ମଡେଲର ପ୍ରଦର୍ଶନୀ ପ୍ରତଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ଚାଷୀମାନେ ମଧ ସେମାନଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ବିଧାୟକଙ୍କୁ ଜଣାଇଥିଲେ।



# ପ୍ରେସ୍ ୟୁନିୟନ ରାୟଗଡ଼ାର କର୍ମକର୍ତ୍ତା ଚୟନ

**ରାୟଗଡ଼ା,୨୨।୧୨ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହର ଗାୟତ୍ରୀ ନଗରସ୍ଥିତ ବରିଷ୍ଠ ନାଗରିକ ଗୃହଠାରେ ପ୍ରେସ୍ ୟୁନିୟନ ରାୟଗଡ଼ାର କର୍ମକର୍ତ୍ତା ଚୟନ ହୋଇଯାଇଛି । ଏଥିରେ ଅମୂଲ୍ୟ ରତ୍ନ ସାହୁ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଏଙ୍କେଟେଶ୍ୱର ପାଢ଼ି ଉପସଭାପତି, ଶିବାଜୀ ଦାସ ସମ୍ପାଦକ ଏବଂ ମୃତ୍ୟୁଞ୍ଜୟ ନନ୍ଦ ଯୁଗ୍ମ ସମ୍ପାଦକ ହୋଇଛନ୍ତି । ସଂଘର ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସହମତିରେ ନୂତନ କମିଟି ଚୟନ କରାଯାଇଥିବା ସମ୍ପାଦକ ଶିବାଜୀ ଦାସ କହିଛନ୍ତି ।

# ପାଣି ପଞ୍ଚାୟତ ଗଠନ, ଜଳ ସୁବଣ୍ଟନକୁ ଗୁରୁତ୍ୱ

**ଗୁଣପୁର,୨୨।୧୨(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର କୃଷି ବିଭାଗ କାର୍ଯ୍ୟାଳୟରେ ଉଠା ଜଳସେଚନ ବିଭାଜନ ଦ୍ୱାରା ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୪ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୧୧୫ ଜଣ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ବିନୋଦ ଚନ୍ଦ୍ର ଦାଶ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନିତ ଅତିଥି ଗୁଣପୁର କୃଷି ଜିଲା ଅଧିକାରୀ ବୃନ୍ଦାବନ ବେହେରା, ସହକାରୀ ଉଦ୍ୟାନ ଅଧିକାରୀ ଜଗନ୍ନାଥ ବିନ୍ଧାଣି, ଏସ୍‌ଡିଭିଓ ଡ଼. ଆଲୋକ କୁମାର ଆଚାର୍ଯ୍ୟ ଏବଂ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ଯୋଗଦେଇ ପାଣି ପଞ୍ଚାୟତର ଗଠନ, କାର୍ଯ୍ୟକାରିତା, ଜଳର ସୁବଣ୍ଟନ ଓ ପ୍ରକଳ୍ପର ସୁପରିଚାଳନା ନିମନ୍ତେ ଗୁରୁତ୍ୱ ଆରୋପ କରିବା ସହ ଚାଷୀ ଭାଇମାନେ ଏହାର ସଦବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ଇଂ ବିନୋଦ ଚନ୍ଦ୍ର ଦାଶ ରାଜ୍ୟ ସରକାରଙ୍କର ବାର୍ତ୍ତାକୁ ଉପସ୍ଥିତ ଚାଷୀଙ୍କ ନିକଟରେ ଉପସ୍ଥାପିତ କରି ଶପଥପାଠ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ଝୁମୁରି ଦଳାଇ, ବିଭୁତି ସ୍ୱାଇଁ, ମୋହନ ବେହେରା, ଭାରତ ମହାପାତ୍ର, ପ୍ରକାଶ ଚନ୍ଦ୍ର ନାୟକ, ହୁତୁ ଭୂମିଆ, ବିଜୟ ଅରବିନ୍ଦ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଚାଷୀମାନେ ପାଣି ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି ଉପସ୍ଥାପନା କରିଥିଲେ।

## ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ନିଆଁକୁ ଆୟତ୍ତ ପାଇଁ ରୋବୋଟିକ୍ ଫାୟାର କଣ୍ଟ୍ରୋଲ ଗାଡ଼ି, ବାଇକ୍

## ଅଗ୍ନିଶମ ବିଭାଗକୁ ଅଧିକ କ୍ରିୟାଶୀଳ, ତ୍ୱରାନ୍ୱିତ ପାଇଁ ସୁବିଧା

**ରାୟଗଡ଼ା,୨୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଆହୁରି ଅଧିକ କ୍ରିୟାଶୀଳ କରିଛନ୍ତି ରାଜ୍ୟ ସରକାର । ବନାଗ୍ନିଠାରୁ ଆରମ୍ଭ କରି ବାସଗୃହ ଓ ଅନ୍ୟ ସ୍ଥାନରେ ନିଆଁ ଲାଗି ହେଉଥିବା ଧନଜୀବନ କ୍ଷୟକ୍ଷତି ସମେତ ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାୟଗଡ଼ା ଅଗ୍ନିଶମ ବିଭାଗକୁ ଏକ ଅତ୍ୟାଧୁନିକ ରୋବାଟିକ୍ ଫାୟାର ଫାଇଟିଂ ଇଞ୍ଜିନ ଓ ଗାଡ଼ି ସହିତ ଏକ ଫାୟାର କଣ୍ଟ୍ରୋଲିଂ ବୁଲେଟ ପ୍ରଦାନ କରିଛନ୍ତି । ଏହି ରୋବୋଟିକ୍ ଫାୟାର ଫାଇଟିଂ ଇଞ୍ଜିନ ଏକ ଭ୍ୟାନରେ ରହିପାରୁଛି । ଫଳରେ ଏହା ଯେ କୌଣସି ସ୍ଥାନକୁ ତୁରନ୍ତ ନିଆଯାଇପାରିବ । ଏହି ଇଞ୍ଜିନ ଏକ ଗାଡ଼ି ଭଳି, ଯାହାକି ରିମୋଟ୍ ମାଧ୍ୟମରେ ପରିଚାଳିତ । ବିଶେଷକରି ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିବା ସମୟରେ ତାହା ଲିଭାଇବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀ ଆହତ ହେବାର ସମ୍ଭାବନା ଅଧିକ ରହୁଛି ଏବଂ ଅଧିକ କର୍ମଚାରୀଙ୍କ ଆବଶ୍ୟକତା ପଡୁଛି । ତେବେ ଏହି ଇଞ୍ଜିନ କମ୍ କର୍ମଚାରୀ ଦ୍ୱାରା ଅତ୍ୟାଧୁନିକ ପ୍ରଣାଳୀରେ ରିମୋଟ୍ ଦ୍ୱାରା ପରିଚାଳିତ ହୋଇ ନିଆଁ ଲାଗିବା ସ୍ଥାନକୁ ଯାଇ ପାଣି ଢ଼ାଳି ପାରିବ । ଏଥିରେ ଏକ ଅଟୋମେଟିକ୍ ଇଞ୍ଜିନ ରହିବା ସହ ପାଣି ଟାଙ୍କି ସହିତ କନେକ୍ସନ ପାଇଁ ହୋସ୍ ପାଇପ୍ ରହିଛି । ଏହାଦ୍ୱାରା ଶୀଘ୍ର ନିଆଁ ନିୟନ୍ତ୍ରଣାଧୀନ ହୋଇପାରିବ ବୋଲି ଅଗ୍ନିଶମ ବିଭାଗ ଅଧିକାରୀ ରମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ସେହିଭଳି ଛୋଟ ଧରଣର ନିଆଁ ଲାଗିଥିଲେ ଦମକଳ ଗାଡ଼ି ଅପେକ୍ଷା ବୁଲେଟ ଗାଡ଼ି ତୁରନ୍ତ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିପାରିବ ବୋଲି ଅଗ୍ନିଶମ ଅଧିକାରୀ ବେହେରା କହିଛନ୍ତି । ଏହି ବୁଲେଟ୍ ଗାଡ଼ିରେ ମଧ ନିଆଁ ଆୟତ୍ତ ପାଇଁ ଗ୍ୟାସ ଟାଙ୍କି ଓ ପାଣି ଟାଙ୍କି ରହିଛି।









ରୋବୋଟିକ୍ ଫାୟାର କଣ୍ଟ୍ରୋଲ ଗାଡ଼ି ଏବଂ ବାଇକ୍।

## ୨୫ ସୁଦ୍ଧା ମଣ୍ଡିରୁ ଧାନ ନ ଉଠିଲେ ୨୬ରେ ଜିଲା ବନ୍ଦ ଚେତାବନୀ

ଜୟପୁର, ୨୨।୧୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲାରେ ଗତ ୧୧ତାରିଖରୁ ମଣ୍ଡି ଉଦ୍‌ଘାଟନ ହେଲାଣି। କିନ୍ତୁ ୧୧ ଦିନ ପରେ ମଧ ଧାନ କ୍ରୟ ହୋଇନି। ଚାଷୀ ଶୀତ କାକରରେ ଧାନ ବିକ୍ରି କରି ନ ପାରି ହଇରାଣ ହେଉଛନ୍ତି। ତେଣୁ ୨୫ ତାରିଖ ସୁଦ୍ଧା ଜିଲାର ସମସ୍ତ ମଣ୍ଡିରୁ ଧାନ କ୍ରୟ କରା ନ ଗଲେ ୨୬ ତାରିଖରେ ରାସ୍ତାରୋକୋ ସହ କୋରାପୁଟ ଜିଲା ବନ୍ଦ କରାଯିବ ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ରବିବାର ଏକ ଖବରଦାତା ସମ୍ମିଳନୀ କରି ଚେତାବନୀ ଦେଇଛନ୍ତି।

ଯୋଗାଣ ମନ୍ତ୍ରୀ କୋରାପୁଟ ଜିଲା ଗସ୍ତବେଳେ କଟ୍‌ନିଛଟ୍‌ନି ହେବ ନାହିଁ, ସମସ୍ତ ଚାଷୀଙ୍କ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ପୂରଣ ହେଉନି ବୋଲି ବିଧାୟକ ଅଭିଯୋଗ କରିଛନ୍ତି। ଜିଲାରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି। ଚାଷୀ ମଣ୍ଡିକୁ ଧାନ ଆଣି ରଖିଛି। ଏବେ କୋହଲା ପାଗ ସହ ଅଦିନିଆ ବର୍ଷା। ଚାଷୀ ଧାନକୁ ଘୋଡ଼ାଇବା ପାଇଁ ପିଲିଥିନ କିଣି ନୟାନ୍ତ ହେଲାଣି। ସରକାର ଟୋକନ ଦେଇ ସାରିଲେଣି । ଗୋଟିଏ ଟୋକନର ଅବଧି ୧ ମାସ ରହିଥିବା ବେଳେ କେବେ ସରକାର ଧାନ କ୍ରୟ କରିବେ ସ୍ପଷ୍ଟ କରିବାକୁ ବିଧାୟକ ଦାବି କରିଛନ୍ତି। ଧାନ ନ ଉଠିବାରୁ ଚାଷୀ ଉତ୍ୟକ୍ତ ହୋଇ କେଉଁଠାରେ ରାସ୍ତା ଅବରୋଧ କଲେଣି ତ କେଉଁଠାରେ ଅଧିକାରୀଙ୍କୁ ଅଟକ ରଖିଛନ୍ତି। ଆଗାମୀ ଦିନରେ କୌଣସି ଅସୁବିଧା ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ବିଧାୟକ ବାହିନୀପତି ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର କଟ୍‌ନିଛଟ୍‌ନି ବନ୍ଦ କରି କୋରାପୁଟ ଜିଲାର ସମସ୍ତ ଧାନ ମଣ୍ଡିରୁ ଧାନ କ୍ରୟ କରନ୍ତୁ ବୋଲି ସେ କହିଛନ୍ତି। ଏହ ଖବରଦାତା ସମ୍ମିଳନୀରେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜିଲା କିଷାନ କଂଗ୍ରେସ ସଭାପତି ଭବାନୀଶଙ୍କର ରଥ, ବ୍ଲକ ସଭାପତି ବସନ୍ତ ନାୟକ, ଚାଷୀ ଉଗ୍ରସେନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟମାନେ ।

## ବିଧାୟକ, ଉପଜିଲାପାଳ, ତହସିଲଦାର କଲେ କ୍ଷତି ଆକଳନ

ପୁରୁଷୋତ୍ତମପୁର, ୨୨।୧୨(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଅଞ୍ଚଳରେ ଭଲ ଧାନ ଫସଲ ହୋଇଥିଲା। ଯାହାକି ଗତ ଲଗାଣ ବର୍ଷାରେ ଭଜୁଡି ଯାଇଛି। ଧାନ ଅମଳ ସମୟରେ ବର୍ଷା ହେବା ଯୋଗୁ ଚାଷୀମାନେ ଧାନ କାଟି ଜମିରେ ରଖିଥିବା ବେଳେ ତାହା ପାଣିରେ ଭିଜି ନଷ୍ଟ ହୋଇଯାଇଛି। ଧାନର ମାନ କମିଯିବା ନେଇ ଆଶଙ୍କା ଦେଖାଦେଇଛି। ସରକାର କେବଳ ଏଫଏକ୍ୟୁ ମାନର ଧାନ କିଣୁଥିବା ବେଳେ ଓଦା ହୋଇଥିବା ଧାନକୁ ମଧ ସରକାର କିଣନ୍ତୁ ବୋଲି ଚାଷୀମାନେ ଦାବି କରିବା ସହ ଆବଶ୍ୟକ ସ୍ଥଳରେ କ୍ଷତିପୂରଣ ପ୍ରଦାନ ଲାଗି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପୁରୁଷୋତ୍ତମପୁରରେ କେତେ କ୍ଷୟକ୍ଷତି ହୋଇଛି ତାହାର ଆକଳନ ନେଇ ରବିବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ଛତ୍ରପୁର ଉପ ଜିଲାପାଳ ଦେବଦତ୍ତ ମହନ୍ତ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷଜମିମାନକୁ ଯାଇ ବୁଲି ସମୀକ୍ଷା କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସାନ୍ତ୍ୱନା ଦେଇଛନ୍ତି।

## ରାଜସ୍ୱ ନିରୀକ୍ଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

ଜୟପୁର, ୨୨।୧୨(ପବନ ପାଣିଗ୍ରାହୀ)

ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କୋରାପୁଟ ଜିଲାର ଉପଖଣ୍ଡସ୍ତରୀୟ ବୈଠକ ଜୟପୁର ପଞ୍ଚାନନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ରାଜ୍ୟ ଉପଦେଷ୍ଟା ହରିହର ଶତପଥୀ, କୋରାପୁଟ ଜିଲା ସଂଘ ସଭାପତି ଭେଙ୍କେଟେଶ୍ୱର ନାଇଡୁ, କୋରାପୁଟ ଜିଲା ସମ୍ପାଦକ ରମେଶ ଚନ୍ଦ୍ର ନାୟକ, ଉପସଭାପତି ମହାନ୍ତି ପଣ୍ଡେଇ, ଶଙ୍କର ମିଶ୍ର, ଜିଲା କୋଷାଧ୍ୟକ୍ଷ ସୁରୁଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରେସ୍ ସମ୍ପାଦକ ପଦ୍ମନ ପୂଜାରୀ ସଭା ପରିଚାଳନା କରିଥିଲେ। ଜୟପୁର ତହସିଲର ସଭାପତି, ସମ୍ପାଦକ ଓ ଅନ୍ୟ ସଭ୍ୟାସଭ୍ୟ ଏଥିରେ ସହଯୋଗ କରିଥିଲେ। ବୈଠକରେ ରାଜସ୍ୱ ନିରୀକ୍ଷକମାନଙ୍କର ବିଭିନ୍ନ ପ୍ରକାର ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ରାଜସ୍ୱ ନିରୀକ୍ଷକମାନଙ୍କୁ ଅନ୍ୟ ବିଭାଗର କାମ ଲଦି ଦିଆଯାଉଛି। ଫଳରେ କି ସେମାନେ ନିଜ କାମ ସାରିପାରୁନାହାନ୍ତି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବିଦ୍ୟୁତ୍ ଓ ନେଟ କନେକଶନ ନାହିଁ। ପୁରୁଣା କମ୍ପ୍ୟୁଟର ସବୁ ନଷ୍ଟ ହୋଇଛି। ସେ ସବୁକୁ ତୁରନ୍ତ ବଦଳାଇ ନୂଆ ଉପକରଣ ଯୋଗାଇ ଦେବାକୁ ଆଲୋଚନା ହୋଇଛି। କାର୍ଯ୍ୟାଳୟରେ ଜଣେ ଲେଖାଏ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବା କଥା। କିନ୍ତୁ ଏହି ପଦବୀ ଖାଲିପଡ଼ିଛି। ତୁରନ୍ତ ଖାଲିଥିବା ପଦବୀ ପୂରଣ କରିବାକୁ ଦାବି ହୋଇଛି।



ବୈଠକରେ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ।

## ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ପ୍ରସ୍ତୁତି ବୈଠକ

ଜୟପୁର, ୨୨।୧୨(ପବନ ପାଣିଗ୍ରାହୀ)

ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜୟପୁର ଯାଦବ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ଏଥିରେ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ଦାବି ସରକାର ପୂରଣ କରୁନଥିବା ନେଇ ସମସ୍ତ କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଦାଶ ଏ ନେଇ ପୁଣିଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦରକାର ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୂଚନା ଦେଇଥିଲେ। କୋରାପୁଟ ଜିଲାରେ ଆସନ୍ତା ୫ରେ ଜିଲା ସମ୍ମିଳନୀ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜେନ୍ଦ୍ର ନାରାୟଣ ପାଢ଼ୀ, ପ୍ରମୋଦ କୁମାର ଭୂୟାଁ, ନିରଞ୍ଜନ ପଣ୍ଡା, ବାଳ ଗୋପାଳ ମିଶ୍ର, ରାଜୀବ କୁମାର ପ୍ରଧାନଙ୍କ ସମେତ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ସଭାପତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## ଗଙ୍ଗାଧର ନନ୍ଦଙ୍କ ୭୫ତମ ଜୟନ୍ତୀ ସମାରୋହ

ଜୟପୁର, ୨୨।୧୨(ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଡ.ଗଙ୍ଗାଧର ନନ୍ଦ ସ୍ମୃତି କମିଟି ଓ ଜୟପୁର ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ଡ.ଗଙ୍ଗାଧର ନନ୍ଦଙ୍କ ୭୫ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଡ.ସୁରେଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଡ. ଜଗନ୍ନାଥ ରାଉତ ମୁଖ୍ୟ ଅତିଥି, ଶ୍ରୀନାଥ ମିଶ୍ର ମୁଖ୍ୟ ବକ୍ତା, ହରିହର କରସୁଧା ପଟ୍ଟନାୟକ ଓ ଅନସୂୟା ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ଅସରପ୍ରାପ୍ତ ଅଧ୍ୟକ୍ଷ ଶରତ କୁମାର ମହାନ୍ତିଙ୍କୁ ଡ.ଗଙ୍ଗାଧର ନନ୍ଦ ସାହିତ୍ୟ ସମ୍ମାନ ଓ ଜି. ଭେଙ୍କେଟ୍ ରେଡ୍ଡୀଙ୍କୁ ପରିବେଶ ସୁରକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜଗଦୀଶ ଅଧିକାରୀ, ପ୍ରଦୀପ କୁମାର ସାହୁ, ଗୁପ୍ତ କୈଳାସ ହୋତା,କୃଷ୍ଣ ଚନ୍ଦ୍ର ହୋତା, ଡ.ପ୍ରଦୀପ କୁମାର ମିଶ୍ର, ଡ.ମନୋରଞ୍ଜନ ପ୍ରଧାନ, ଡ ସୁଧାଂଶୁ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ମହାନ୍ତି, ରାଧାମୋହନ ପଣ୍ଡା ଓ ପ୍ରତୀକ ସାମନ୍ତରାୟ ପ୍ରମୁଖ ଗଙ୍ଗାଧର ନନ୍ଦଙ୍କୁ ଜଣେ ପ୍ରତିଭାବାନ ପଣ୍ଡିତ, ସୁସାହିତ୍ୟକ ଓ ସଂଗଠକ ବୋଲି ମତବ୍ୟକ୍ତ କରିଥିଲେ। ବାଲ୍ ଗୋପାଲ୍ ଓ ରାମ ଲିଙ୍ଗମ୍ ମହାନ୍ତି ଯଥାକ୍ରମେ ସ୍ୱାଗତ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ଜୟପୁର ସାହିତ୍ୟ ପରିଷଦ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରଥିବା ବେଳେ ଡ.ଗଙ୍ଗାଧର ନନ୍ଦ ସ୍ମୃତି କମିଟି ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କେ. ତିରୁପତି ପାତ୍ର,ଅମର ପାଳ ଓ ଅଞ୍ଜଳି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଜୟନ୍ତୀ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସାମିଲ ହେଲେ ୨ଶହ ସଭାପତି, ସମ୍ପାଦକ

କୋରାପୁଟ,୨୨।୧୨(ଅମିତାଭ ବେହେରା)

**ପାଣି ପଞ୍ଚାୟତ ପକ୍ଷ ପାଳନ**

କୋରାପୁଟ ଉଠାଜଳସେଚନ ବିଭାଜନ ପକ୍ଷରୁ ରବିବାର ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ପାଣି ପଞ୍ଚାୟତ ପକ୍ଷ ୨୦୨୪-୨୫ ପାଳିତ ହୋଇଯାଇଛି । କୋରାପୁଟ ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଯୁଗଳ କିଶୋର ଟାକିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ ଏହାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଉପସ୍ଥିତ ସଭାପତି, ସଂପାଦକ ଓ ଅନ୍ୟ ଚାଷୀଙ୍କୁ ପାଣି ପଞ୍ଚାୟତକୁ ଅଧିକ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ବିଭାଗ ପକ୍ଷରୁ ୧୬୩୩ ପାଣି ପଞ୍ଚାୟତ ଚାଷୀଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି। ମୋଟ ୧୭୪୧ ପ୍ରକଳ୍ପ ମଧ୍ୟରୁ ୧୦୮ ଟି ଅଚଳ ରହିଛି । ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ଆସନ୍ତା ୨୫ ତାରିଖ ଭିତରେ ଅନ୍‌ଲାଇନ୍ ମାଧ୍ୟମରେ ଅବେଦନ କରାଯିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ମୋଟ ଆୟକଟ ୩୬ ହଜାର ୨୪୮ ହେକ୍ଟରରୁ ବର୍ତ୍ତମାନ ୩୩ ହଜାର ୭୮୫ ହେକ୍ଟର ଜମି ଜଳସେଚିତ ହେଉଛି ।

ସେହିପରି ଗଭିର ନଳକୂପ ମାଧ୍ୟମରେ ୪୧୬୩ ପ୍ରକଳ୍ପ ମାଧ୍ୟମରେ ୨୧,୮୮୫ ହେକ୍ଟର ଜମିରେ ଜଳିସେଚିତ ହୋବକୁ ଲକ୍ଷ୍ୟ ରଖାଯାଇଥିବା ବେଳ ବର୍ତ୍ତମାନ ସେଥିରୁ ୩୯୯୧ କାର୍ଯକ୍ଷମ ହୋଇ ଜିଲାର ୨୦୮୩୦ ହେକ୍ଟର ଜମିରେ ଜଳସେଚିତ ହେଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ନୂତନ ଭାବେ ୩୧ ନଦୀ ଉଠା ଜଳସେଚନ ଏଲଆଇ ପଏଣ୍ଟ ଅନୁମୋଦନ କରାଯାଇ ଥିବାବେଳେ ସୋଲାର ମାଧ୍ୟମରେ ୭ଶହ ପ୍ରକଳ୍ପ ଓ ୧ ହଜାର ବିଦ୍ୟୁତ୍ ମାଧ୍ୟମରେ ଉଠା ଜଳସେଚନ ପଏଣ୍ଟ ସରକାରଙ୍କ ପକ୍ଷରୁ ଅନୁମୋଦନ ପାଇଥିବା ଏବଂ ଏହାର କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହେବ ବୋଲି ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଟାକିରି ସୁଚନା ଦେଇଛନ୍ତି। ଏହି ବୈଠକରେ ଜିଲାର ୨ଶହରୁ ଉର୍ଦ୍ଧ୍ୱ ପାଣି ପଞ୍ଚାୟତ ସଭାପତି ଓ ସମ୍ପାଦକ ଯୋଗଦେଇ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋପାତ କରିଥିଲେ । ସମ୍ମାନୀତ ଅତିଥିଭାବେ ନାବାର୍ଡର ମହାପ୍ରବନ୍ଧକ ଦେବେନ୍ଦ୍ର ପ୍ରଧାନ ଯୋଗଦେଇ ନାର୍ବାଡ ପକ୍ଷରୁ ରହିଥିବା ବିଭିନ୍ନ ସହାୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଅନ୍ୟତମ ସମ୍ମାନୀତ ଅତିଥି କୋରାପୁଟ ଉପଜିଲାପାଳ ବେଣୁଧର ଶବର , ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ,କୃଷି ଅଧିକାରୀ ହେମନ୍ତ କୁମାର ଶତପଥି, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି ପ୍ରମୁଖ ଯୋଗଦେଇ ପକ୍ଷର ମୁଖ୍ୟ ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ପକ୍ଷ ପାଳନ ନେଇ ଆୟୋଜିତ ପ୍ରବନ୍ଧ, ବକ୍ତୃତା ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋରାପୁଟ ଉଠାଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ବିଜୟ ମହାରଥା ପରିଚାଳନା କରିଥିଲେ। କନିଷ୍ଠଯନ୍ତ୍ରୀ କୈଳାସ ଭତ୍ରା, ବରିଷ୍ଠ କିରାଣି ବୈକୁଣ୍ଠନାଥ ଜାଲି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ।

## ଜାନୁଆରୀ ୨୮ରେ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୋରାପୁଟ,୨୨।୧୨( ଅମିତାଭ ବେହେରା)

ଆସନ୍ତା ଜାନୁଆରୀ ୨୮ ତାରିଖରେ କୋରାପୁଟ ଜିଲାର ବିଲାପୁଟସ୍ଥିତ ଶ୍ରୀ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ନିର୍ମାଣଧୀନ ମନ୍ଦିର ନିକଟରେ ଆୟୋଜିତ ମନ୍ଦିର ପରିଚାଳନା କମିଟିର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କୋରାପୁଟ ଜିଲାର ସେମିଲିଗୁଡା ବ୍ଲକର ବିଲାପୁଟ ଗ୍ରାମ ଉପକଣ୍ଠ ଥିବା ଏକ ପାହାଡ଼ ଉପରେ ଶ୍ରୀ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ରହିଛି। ମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସମ୍ପାଦକ ଲଳିତ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟ ବିଶ୍ୱନାଥ ପ୍ରଧାନୀ, ନାରାୟଣ ପ୍ରଧାନୀ, ସୁଶାନ୍ତ ପ୍ରଧାନୀ, ମୁନା ପ୍ରଧାନୀ ଦେବସନା ପାତ୍ର, ସୁକୁ ପାଙ୍ଗିଙ୍କ ସମେତ ଆଖପାଖ ଗ୍ରାମରୁ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ। ଉକ୍ତ ଦିନ ନୂତନ ଭାବେ ମନ୍ଦିର ପରିଚାଳନା କମିଟି ଗଠନ କରାଯିବା ସହ ଦାୟିତ୍ୱ ହସ୍ତାନ୍ତର କରାଯିବ ବୋଲି ସ୍ଥାୟୀ ସମ୍ପାଦକ ପଟ୍ଟନାୟକ ସୂଚନା ଦେଇଛନ୍ତି।


ବୈଠକରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ।

## କୃଷିଋଣ ଛାଡ଼ ଦାବି କଲେ ଜିଲା ସମବାୟ ସଂଘ ସଭାପତି

ବ୍ରହ୍ମପୁର,୨୨।୧୨(ନରସିଂହ ସାହୁ)

ଅଦିନିଆ ବର୍ଷା ଯୋଗୁ ଚଳିତ ବର୍ଷର ଖରିଫ ଧାନ ଫସଲ ନଷ୍ଟ ହୋଇଯାଇଛି। ବିଲରେ ପଡ଼ିଥିବା କଟାଧାନ ବର୍ଷା ପାଣିରେ ବୁଡ଼ି ରହିବାରୁ ଗଜା ହେବାକୁ ବସିଛି। କୃଷି ପ୍ରଧାନ ଗଞ୍ଜାମ ଜିଲାରେ ଲକ୍ଷାଧିକ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ବହୁ କଷ୍ଟରେ ଉଦ୍ଧାର କରାଯାଇଥିବା ଧାନ ମଣ୍ଡିକୁ ନେବ ସମ୍ଭବ ହେଉନି। ଫଳରେ ଋଣ ପରିଶୋଧ ଲାଗି ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ତେଣୁ ସରକାର କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା ଏବଂ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଅବିଭକ୍ତ ଗଞ୍ଜାମ ଜିଲା ସମବାୟ ସଂଘ ସଭାପତି କୈଳାସ ରଣା ଦାବି କରିଛନ୍ତି।

ରବିବାର ବ୍ରହ୍ମପୁରରେ ସେ ଆହୁରି କହିଛନ୍ତି ଜିଲାର ସବୁ ବ୍ଲକ ଅଞ୍ଚଳରେ ଚାଷୀଙ୍କ ବର୍ଷଯାକର ରୋଜଗାର ପାଣିରେ ବୁଡ଼ି ଯାଇଛି। ସେମାନେ ପରିବାର ପୋଷଣ କିଭଳି କରିବେ ତାହା ଚିନ୍ତାର କାରଣ ହୋଇଯାଇଛି। ତେଣୁ ସେମାନଙ୍କୁ ସହାୟତା ପ୍ରଦାନ ଜରୁରୀ। ସରକାର ଅବିଳମ୍ବେ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ସେ କହିଛନ୍ତି। ସମବାୟ ଆନ୍ଦୋଳନର ନେତା ଅଜୟ ମହାରଣା, ବୃନ୍ଦାବନ ଖଟେଇ, ସୂର୍ଯ୍ୟକାନ୍ତ ପରିଡ଼ା, ସୁରେଶ ସାହୁ, କାଳୁ ପ୍ରଧାନ ପ୍ରମୁଖ ଧାନ ପସଲ ନଷ୍ଟ ପାଇଁ ଉଦବେଗ ପ୍ରକାଶ ସହ ଅନୁରୂପ ଦାବି କରିଛନ୍ତି।

## କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ

କୋରାପୁଟ,୨୨।୧୨
(ଅମିତାଭ ବେହେରା)

କୋରାପୁଟ ବ୍ଲକ ମନ୍ତ୍ରିପୁଟ ପଞ୍ଚାୟତ ଡ଼ଙ୍ଗରି ଗ୍ରାମରେ ରବିବାର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଅଧିକରୁ ଅଧିକ ପାଣି ପଞ୍ଚାୟତ ଗଠନ କରି ଚାଷୀଙ୍କ ଜମିକୁ ଜଳସେଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ଉପାଧ୍ୟକ୍ଷ ସବିତା ଗୋଲରି ଓ ମନ୍ତ୍ରିପୁଟ ସରପଞ୍ଚ ସବିତା ଦାମୀ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତର ଉପକାରିତା ସମ୍ପର୍କରେ କହିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ସୁପ୍ରଭା କୁଆଁର ଅଧ୍ୟକ୍ଷତା କରିଥିବା ବେଳେ ଉପଖଣ୍ଡ ଅଧିକାରୀ ରାମ ଚନ୍ଦ୍ର ମୁର୍ମୁ ବର୍ତ୍ତମାନ ୩୭ ପ୍ରକଳ୍ପ ମାଧ୍ୟମରେ ଖରିଫ ଋତୁରେ ୫୭୯୫ ହେକ୍ଟର ଜମି ଜଳସେଚିତ ହେଉଥିବା ବେଳେ ରବି ଋତୁରେ ୬୮୫ ହେକ୍ଟର ଜମି ଜଳସେଚିତ ହେଉଛି। ଏଥିରେ ୫,୫୩୩ ଜଣ ଚାଷୀ ଉପକୃତ ହେଉଥିବା କହିଥିଲେ । ଏହି ଅବସରରେ ଶ୍ରେଷ୍ଠ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଚ୍ୟୁତାନନ୍ଦ ମାଳି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କ୍ଷୁଦ୍ର ଜଳସେଚନ ବିଭାଗ ବନ୍ଧୁଗାଁ ଲକ୍ଷ୍ମୀପୁର, ଦଶମନ୍ତପୁରର ବ୍ଲକ ଯନ୍ତ୍ରୀଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

## ଶିବରାମ ପ୍ରସାଦ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ବୋରିଗୁମ୍ମା,୨୨।୧୨(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କୁମୁଲି ମନଲାଇଟ ଷ୍ଟାଡ଼ିୟମରେ ଲଛମନ ବାଲାଜୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ଶିବରାମ ପ୍ରସାଦ ବାହିନୀପତି ମେମୋରିଆଲ ଟି୨୦ ଚାମ୍ପିୟନଶିପ୍ ଟ୍ରଫି ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ ଲଛମନ ବାଲାଜୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅତିଥିମାନଙ୍କୁ କ୍ରିକେଟ କ୍ଲବ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ଲବ ସଭାପତି ସୁଶାନ୍ତ କୁମାର ହୋତାଙ୍କ ସଭାପତିତ୍ୱରେ କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୋରିଗୁମ୍ମା ବ୍ଲକ ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରାୟ,ମୁଖ୍ୟ ବକ୍ତା ସାମାଜିକର୍ମୀ ତଥା ବିଜେଡି ନେତା ସୁରେନ୍ଦ୍ର କୁମାର ତ୍ରିପାଠୀ ଯୋଗଦେଇ କ୍ଲବ ଆୟୋଜକ କ୍ଲବକୁ ଧନ୍ୟବାଦ ଦେଇଥିଲେ।

ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଭ୍ରାତୃଭାବ ହେଉଥିବା ଅତିଥିମାନେ ଆଲୋକପାତ କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷକ ବିନୋଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। କ୍ଲବ ସମ୍ପାଦକ ଅନିଲ ଦେବତା ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ପରେ ଆନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ କରାଯାଇଛି। ଏଥିରେ ୧୨ଦଳ ଇଭିନିଂ କ୍ଲବ ଜୟପୁର, ହନୁମାନ ସ୍ପୋର୍ଟିଂ କୋରାପୁଟ, ସୁନାବେଡ଼ା ଚାଲେଞ୍ଜର, କୋଟପାଡ଼, ହନୁମାନ ଏକାଦଶ ରାୟଗଡା,ଉମରକୋଟ, କୁମୁଲି(ଘୋରଇ), ଷ୍ଟାର ଏକାଦଶ ଜୟପୁର, ଏମ୍‌ବିଜି ନବରଙ୍ଗପୁର, ଦିଲଦାର କୋରାପୁଟ, ଯାଜପୁର,ସୁନ୍ଦରଗଡ ଭଳି ଦଳ ଯୋଗଦାନ କରିଛନ୍ତି । ଉଦ୍‌ଘାଟନୀ ମ୍ୟାଚ ଇଭିନିଂ କ୍ଲବ ଜୟପୁର ଏବଂ ହନୁମାନ ସ୍ପୋର୍ଟିଂ କୋରାପୁଟ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଇଭିନିଂ କ୍ଲବ ଜୟପୁର ଦଳ ବ୍ୟାଟିଂ କରି ୨୪୪ ରନ କରିଥିଲା। ଏହାର ଲକ୍ଷ୍ୟ ନେଇ ହନୁମାନ ସ୍ପୋର୍ଟିଂ କୋରାପୁଟ ଦଳ ବ୍ୟାଟି କରି ୧୫୫ ରନକରି ପରାଜିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲର ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଇଣ୍ଟରନାଶନାଲ ଭଳି ଇଣ୍ଟରନେଟ ମାଧ୍ୟମରେ 'କ୍ରିକ୍ ହିରୋସ୍ ଆପ' ମାଧ୍ୟମରେ ବାହାରେ ଥିବା ଦର୍ଶକମାନେ ସିଧାସଳଖ ଦେଖିବାର ବ୍ୟବସ୍ଥା ମଧ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କ୍ଲବର ସମସ୍ତ ସଦସ୍ୟ, ଗ୍ରାମବାସୀ ଓ କୁମୁଲି ଅଞ୍ଚଳବାସି ସହଯୋଗ କରୁଛନ୍ତି ।

# ମାରଓ୍ୱାଡି ଯୁବା ମଞ୍ଚର ରକ୍ତଦାନ ଶିବିର

ଜୟପୁର, ୨୨।୧୨(ପବନ ପାଣିଗ୍ରାହୀ)

ମାରଓ୍ୱାଡି ଯୁବ ମଞ୍ଚ ପକ୍ଷରୁ ରବିବାର ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଛି। ଜୟପୁର ନେହ୍ରୁ ନଗରସ୍ଥିତ ଅଗ୍ରସେନ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିର ଉଦ୍‌ଘାଟନ



କରିଥିଲେ। ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦୁର କରିବା ପାଇ ଏହି ଶିବିର କରାଯାଇଛି। ଶିବିରରେ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଭାପତି ଅଙ୍କୁର ସୋନି, ସମ୍ପାଦକ ଭିକି ଅଗ୍ରଓାଲ, କୋଷାଧ୍ୟକ୍ଷ କାହ୍ନା ଅଗ୍ରଓାଲ, ରାଜ୍ୟ ରକ୍ତଦାନ ସଂଯୋଜକ ବରୁଣ ଜୈନ ପ୍ରମୁଖ ଶିବିର ଆୟୋଜନ କରିଥିଲେ।

# ବାରମ୍ବାର ଚକ୍ଷୁ ସମସ୍ୟା ଭୋଗୁଥିବା ପିଲାଙ୍କୁ ଚିହ୍ନଟ କରିବେ ଶିକ୍ଷକ

**ନବରଙ୍ଗପୁର ଜିଲାରେ ବିଦ୍ୟାଳୟ ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମ ସମୀକ୍ଷା ବୈଠକ**

ନବରଙ୍ଗପୁର,୨୨।୧୨(ସଦାଶିବ ପ୍ରହରାଜ)



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ସମ୍ମିଳନୀ ପ୍ରକୋଷ୍ଠରେ ବିଦ୍ୟାଳୟ ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆନ୍ତ ବିଭାଗୀୟ ସମୀକ୍ଷା ବୈଠକ ଜିଲାପାଳ ଡା ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ସନ୍ତୋଷ କୁମାର ପଣ୍ଡା ଉପସ୍ଥିତ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ବିଡିଓ, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ସିଡିପିଓମାନେ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁରର ଚକ୍ଷୁ ବିଶେଷଜ୍ଞ ତଥା ଜିଲା ସୁନେତ୍ର କାର୍ଯ୍ୟକ୍ରମର ଜିଲା କାର୍ଯ୍ୟକ୍ରମ ସଞ୍ଚାଳିକା ଡାକ୍ତର ସ୍ୱାନ୍ତନା ସାହିକା ପ୍ରଧାନ ସୁନେତ୍ର କାର୍ଯ୍ୟକ୍ରମ ଅଧୀନ ବିଦ୍ୟାଳୟ ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶଦ ଉପସ୍ଥାପନା କରିଥିଲେ। ଜିଲାର ସମସ୍ତ ବ୍ଲକରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ଚିକିତ୍ସା ନିମନ୍ତେ ଶିବିର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶିବିର ନିମନ୍ତେ ଦୃଷ୍ଟିଶକ୍ତି ସମସ୍ୟା ଥିବା ଛାତ୍ରୀଛତ୍ରଙ୍କ ଚିହ୍ନଟ ଉକ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ କରିବେ। ଉକ୍ତ କାର୍ଯ୍ୟ କରିବାକୁ ଥିବା ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଗୁଣାତ୍ମକ ତାଲିମ୍ ଦେବା, ବାରମ୍ବାର ଚକ୍ଷୁ ସମସ୍ୟା ଭୋଗୁଥିବା ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଚିକିତ୍ସା ସେବା ଦେବା, ଉପଯୁକ୍ତ ସମୟରେ ଚଷମା ପ୍ରଦାନ ଏବଂ ଏହି ଚିହ୍ନଟୀକରଣ ପ୍ରକ୍ରିୟାର ଗୁଣବତ୍ତା ରକ୍ଷା କରିବା ଗୁରୁତ୍ୱ ଦେବାକୁ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣିତ ଶିକ୍ଷା ପ୍ରତି ପିଲାଙ୍କ ଆଗ୍ରହ ସୃଷ୍ଟି କରାଇବାକୁ ପରାମର୍ଶ

**ଜାତୀୟ ଗଣିତ ଦିବସ ପାଳିତ**

ନବରଙ୍ଗପୁର,୨୨।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡିଇଓ ଛତ୍ରପତି ସାହୁ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ ଶିକ୍ଷା ପ୍ରତି କିପରି ଆଗ୍ରହ ସୃଷ୍ଟି କରାଯାଇପାରିବ ଓ ସେମାନେ ଭୟ ମୁକ୍ତ ହୋଇ କିପରି ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଶିକ୍ଷକମାନଙ୍କୁ ଡିଇଓ ପରାମର୍ଶ ଦେଇଥିଲେ। ଗଣିତର ବିଭିନ୍ନ କୌଶଳ ଓ ଜୀବନ ସହିତ କିପରି ଗଣିତ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ଏ ନେଇ ସେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଏଡିଇଓ ଡ ରେଶମଲାଲ ନାୟକ ଯୋଗଦେଇ ରାମାନୁଜନ ଆତ୍ମଜୀବନୀ ଓ ଗଣିତ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ବୁଝାଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ କ୍ରୀଡ଼ା ସହ ଗଣିତର ସମ୍ପର୍କ ବିଷୟରେ ବୁଝାଇଥିଲେ। ବଡ଼କୁମୁଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ଜେନା ଓ ପୂଜାରୀଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ ମହାପାତ୍ର ଗଣିତର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମୀନା ବାଗ ଧନ୍ୟବାଦ୍ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଜାତୀୟ ଗଣିତ ଦିବସ ପାଳିତ



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

ଜୟପୁର, ୨୨।୧୨(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରଭାତୀ ପାଣିଗ୍ରାହୀ, ପପିତା ପ୍ରଧାନ, ଆଦ୍ୟାଶକ୍ତି ପଣ୍ଡା, ନମିତା ବରାଳ, କେ. ପ୍ରମିଳା, ସୁଧା ପଟ୍ଟନାୟକ, ସୁବର୍ଣ୍ଣ ଖିଲ, ସୁଚିରିତା ପଟନାୟକ, ବାଲଗୋପାଳ ମିଶ୍ର, ନଗେଶ୍ୱର ରାଓ, ପ୍ରିୟମ୍ବଦା ଦାସ, ଏ. ମୁରଲୀ, ରଜନୀକାନ୍ତ ଘଡ଼େଇ ଓ ବିକ୍ରମ ଦେବ ମହାବିଦ୍ୟାଳୟରୁ ଆସିଥିବା ବିଏଡ୍ ଟ୍ରେନ ଛାତ୍ରୀଛାତ୍ରଙ୍କ ସହଯୋଗରେ ଗଣିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରକୁ ବିଦ୍ୟାଳୟର ଗଣିତ ଶିକ୍ଷକ ଦୂର୍ଗା ପ୍ରସାଦ ପାତ୍ର, ଦେବେନ୍ଦ୍ର ପାଢ଼ୀ, ଅରୁନ୍ଧତୀ ତ୍ରିପାଠୀ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ୬୦ ହଜାର ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ

ନବରଙ୍ଗପୁର,୨୨।୧୨(ସଦାଶିବ ପ୍ରହରାଜ)

- **ଜିଲାରେ ରହିଛି ୧୧୨୩ ପାଣି ପଞ୍ଚାୟତ**
- **ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପାଳିତ**

ଉଠା ଜଳସେଚନ ବିଭାଜନ ଅନୁକୁଲ୍ୟରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୨୪-୨୫ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବିଭାଜନ ସ୍ତରୀୟ ଉତ୍ସବ ବିଭାଜନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନବରଙ୍ଗପୁର ଜିଲାର ବିଭିନ୍ନ ବିଦ୍ୟାଳୟରସ୍ତରରେ ଛତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ, ବକ୍ତୃତା, କୁଇଜ୍ ପ୍ରତିଯୋଗିତା କରାଯାଇ ୧୫ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଉଠା ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ଦିଲ୍ଲୀପ କୁମାର ଦାଶ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ନବରଙ୍ଗପୁର ଜିଲାରେ ଉଠା ଜଳସେଚନ ପ୍ରକଳ୍ପର ସଫଳତା ସମ୍ପର୍କରେ ସେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବରେଣ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, କୋଷାଗୁମୁଡ଼ା ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ମୁଖ୍ୟ କୃଷି ଅଧିକାରୀ ସମେତ ଚାଷୀମାନେ ଯୋଗ ଦେଇଥିଲେ। ନବରଙ୍ଗପୁର ଜିଲାର ୧୧୨୩ ଟି ଉଠାଜଳସେଚନ ପ୍ରକଳ୍ପର ୧୧୨୩ଟି ପାଣି ପଞ୍ଚାୟତ ରହିଛି। ଏହାସହ ଜିଲାରେ ପ୍ରାୟ ୧୦ ହଜାର ବୋରଓ୍ୱେଲ ରହିଛି। ସମସ୍ତ ପ୍ରକଳ୍ପରୁ ଜିଲାରେ ଖରିଫରେ ୬୦ ହଜାର ହେକ୍ଟର ଜମିକୁ ଜଳସଚେନ ଲକ୍ଷ୍ୟ ରହିଛି। ଯାହାକି ଜିଲାର ମୋଟ ଜଳସେଚନର ସିଂହ ଭାଗ ଉଠାଜଳସେଚନ ବିଭାଗର ରହିଛି।



କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ଓ ଅନ୍ୟମାନେ।

# ଉମରକୋଟ ବ୍ଲକସ୍ତରୀୟ ସୁପର- ୫୦ କାର୍ଯ୍ୟକ୍ରମ

ଉମରକୋଟ, ୨୨।୧୨
(ସନ୍ତୋଷ ଶତପଥୀ)

ଉମରକୋଟ ପୌରାଞ୍ଚଳ ଅଧୀନ ଚଢ଼େଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁପର-୫୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ନିର୍ଦ୍ଦେଶକ୍ରମେ ୨୦୨୫ ମସିହାର ମାଟ୍ରିକ ପରୀକ୍ଷା ଫଳରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଉମରକୋଟ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀରୁ ୨ ଜଣ ଅଗ୍ରଣୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେମାନଙ୍କୁ ଚଢ଼େଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତାଲିମ୍ ଦିଆଯାଉଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅସୀମ ଦାସ ଏବଂ ଚଢ଼େଇଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାତଃ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଭିନ୍ନ ବିଷୟର ଅଭିନବ ପଦ୍ଧତିରେ ସାଧନକର୍ମୀ ସରୋଜ କୁମାର ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଇନ୍ଦ୍ର ମାଳି, ନବୀନ ବିଶ୍ୱାସ, ସୁରେନ୍ଦ୍ର ଗଣ୍ଡ ପ୍ରମୁଖ ଶିକ୍ଷାଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହାୟତାରେ ସୁଦର୍ଶନ ହରିଜନ, ଆକୁଳ ବିଶ୍ୱାସ, ଶ୍ରୀନିବାସ ପାଢ଼ୀ, ଆଦିତ୍ୟ ପ୍ରତାପ ମହାରଣା, ବିଜୟ ପ୍ରଧାନ, ଭାଗବତ ଚନ୍ଦ୍ର ଦାସ, ଲୁନାରାଣୀ ରାଉତ, ତ୍ରିଲୋଚନ ହରିଜନ ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

# ବିଷ ପିଇ ଆଦିବାସୀ ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

କୁନ୍ଦୁରା, ୨୨।୧୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ କଦମ୍ବବେଡ଼ା ଗାଁ ରେଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସୁନାଦେଇ ଦୁରୁଆ (୩୬)।

ପରିବାର ଲୋକଙ୍କ ସୂଚନାନୁଯାୟୀ, ଶନିବାର ରାତିପ୍ରାୟ ୮ଟାରେ ସୁନାଦେଇ କୀଟନାଶକ ପିଇ ଦେଇଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ଘରେ ନ ଥିଲେ। ସେ ଘରକୁ ଫେରିବା ପରେ ଘର ଦୁର୍ଗନ୍ଧ ହେବା ସହ ସୁନାଦେଇ ଅଚେତ ହୋଇ ପଡ଼ିଥିବା ଦେଖିଥିଲେ। ନିକଟରେ କୀଟନାଶକ ବୋତଲ ଦେଖି ସୁନାଦେଇ ଏହାକୁ ପିଇ ଦେଇଥିବା ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁନାଦେଇଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ଡାକ୍ତର ଗଣେଶ ପ୍ରସାଦ ଦାସ ଏବଂ ଥାନା ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି। କୁନ୍ଦୁରା ଥାନା ପୋଲିସ କେସ୍ ନଂ(୧୫/୨୪) ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ କହିଛନ୍ତି।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ଜୟପୁର, ୨୨।୧୨(ପବନ ପାଣିଗ୍ରାହୀ)

ଜୟପୁର ସତୀଗୁଡା ବନ୍ଧ ୟୋଲକ୍ରିଜ ନିକଟରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସଞ୍ଜୀବ କୁମାର ମହନ୍ତ, ଉପରକୋଲାବ ଯୋଜନା ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶିବପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ପାଣି ପଞ୍ଚାୟତ ମହତ୍ତ୍ୱକୁ ବ୍ୟାପକ ଭାବରେ ପ୍ରଚାର କରିବା ପାଇଁ ଏକ ରଥ କୋରାପୁଟ ଜିଲାପାଳ ଦ୍ୱାରା ଉଦଘାଟନ କରାଯିବ। ଗତ ଦିନରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୁଙ୍କୁ ପୁରସ୍କୃତ କରାଯାଇଛି। ଉପର କୋଲାବ ମୁଖ୍ୟ ବନ୍ଧ ବିଭାଜନ କୋଲାବ ଦ୍ୱାରା ଖରିଫ ଋତୁରେ ୧୦ ହଜାର ୬୨୪ ହେକ୍ଟର ଜମି ଓ ରବି ଋତୁରେ ୮ ହଜାର ୪ ଶହ ହେକ୍ଟର ଜମିକୁ ଜଳ ଯୋଗାଣ କରାଯାଉଛି। ଏହି ବିଭାଜନ ଅଧୀନରେ ୨୫ କୋଟି ପାଣି ପଞ୍ଚାୟତ ପଞ୍ଜିକୃତ ହୋଇଛି। ୫ ହଜାର ୮୭୫ ଜଣ ଚାଷୀ ଉପକୃତ ହେଉଛନ୍ତି।

# ଆଦିବାସୀ ଗରିବ ପିଲାଙ୍କୁ ମାଗଣା କୋଚିଂ

ଡାବୁଗାଁ, ୨୨।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

- **ନବୋଦୟ, ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରିକ୍ଷା ପ୍ରସ୍ତୁତି**
- **ସାମାଜିକକର୍ମୀ ସୁଦର୍ଶନ ପୂଜାରୀଙ୍କ ପ୍ରଚେଷ୍ଟା**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ଅଞ୍ଚଳର ଆଦିବାସୀ ଗରିବ ଛାତ୍ରୀଛାତ୍ରଙ୍କୁ ନବୋଦୟ ଓ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରିକ୍ଷା ନେଇ ମାଗଣାରେ କୋଚିଂ ଦିଆଯାଉଛି। ଚାଟିଗୁଡା ଗ୍ରାମର ଜଣେ ସମାଜିକ କର୍ମୀ ସୁଦର୍ଶନ ପୂଜାରୀଙ୍କ ଉଦ୍ୟମରେ ପରିକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଆଦିବାସୀ ଗରିବ ଛାତ୍ରୀଛାତ୍ରମାନଙ୍କୁ ମାଗଣା ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ତାଙ୍କର ଏହିଉଦ୍ୟମକୁ ସ୍ଥାନୀୟ ଲୋକେ ପ୍ରଶଂସା କରୁଛନ୍ତି।

ମେଦନା, ଅଞ୍ଚଳା, ରାମସା ପାଲିଆ ଆଦି ଅଞ୍ଚଳର ପାଖାପାଖି ୭୦ଜଣ ଛାତ୍ରୀଛାତ୍ରମାନଙ୍କୁ ଚାଟିଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକାଠି କରି ୬ଜଣ ଶିକ୍ଷକ ସକାଳ ୧୦ରୁ ଅପରାହ୍ନ ୧ଘଣ୍ଟିକା ପର୍ଯ୍ୟନ୍ତ ପାଠ ପଢ଼ାଉଛନ୍ତି। ଏହି କାର୍ଯ୍ୟକ୍ରମ ଡିସେମ୍ବର ୭ ତାରିଖରୁ ଆରମ୍ଭ କରାଯାଇଛି। ପ୍ରତି ରବିବାର ଦିନ ସକାଳୁ ପିଲାଙ୍କ ପାଇଁ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ପାଠ୍ୟ ଉପକରଣ ଆଦିର ବ୍ୟବସ୍ଥା ସୁଦର୍ଶନ ନିଜେ ବହନ କରୁଛନ୍ତି। ଶିକ୍ଷକମାନଙ୍କ ମଧ୍ୟରେ ବେଣୁଧର ଭତରା, ତୁଳାରାମ ହରିଜନ, ଦୟାନିଧି ବଞ୍ଜରା, ପ୍ରଫୁଲ୍ଲ କୁମାର ମେହେର, ଧନୁର୍ଜୟ ସ୍ୱାଇଁ ପ୍ରମୁଖ ପିଲାମାନଙ୍କୁ ପଢ଼ାଉଛନ୍ତି। ସୂଚନାନୁଯାୟୀ ସୁଦର୍ଶନଙ୍କ ଝିଅ ପ୍ରିୟଦର୍ଶିନୀ ପୂଜାରୀ ଓଏଏସ ପରୀକ୍ଷାରେ ସଫଳତା ହାସଲ କରିବା ପରେ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କରିବା ପାଇଁ ଏହି ପଦକ୍ଷେପ ନେଇଥିବା ସୁଦର୍ଶନ ନିଜ ପ୍ରତିକ୍ରିୟାରେ କହିଛନ୍ତି।




ଶିକ୍ଷକମାନଙ୍କ ସହ କୋଚିଂ ନେବାକୁ ଆସିଥିବା ଛାତ୍ରୀଛାତ୍ର।

# କୋଣାର୍କଠାରେ ନିର୍ମିତ ହୋଇଥିଲା ମହାଶ୍ରମଙ୍କ ବିଜୟୀ-ବିଗ୍ରହ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

- **ନିର୍ମାଣ ହୋଇଥିଲା ଶ୍ରୀସୂର୍ଯ୍ୟ-ଶ୍ରୀବ୍ରହ୍ମାଙ୍କର ମିଳିତ ବିଗ୍ରହ**
- **ଫଗୁ କିଣିବା ପାଇଁ ଦିଆଯାଇଥିଲା ତିନି କାହାଣ କଉଡ଼ି**

ଆମେ ଗତସଂଖ୍ୟାରେ ସୂଚନା ଦେଇଥିଲୁ ୧୨୫୫ ମସିହାରେ ପଗଡ଼ି ସଦୃଶ ବାରଟି ମୁକୁଟ ଲାଙ୍ଗୁଳା ନରସିଂହଙ୍କ ଆଦେଶରେ ଶ୍ରୀପୁରୁଷୋତ୍ତମ କୋଷାଗାରକୁ ଅର୍ଥାତ୍ ଶ୍ରୀମନ୍ଦିର ଭଣ୍ଡାରକୁ ପଠାଯାଇଥିଲା। ପୋଥି ଅନୁଯାୟୀ ଶ୍ରୀମନ୍ଦିର ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା। ଶ୍ରୀମନ୍ଦିର ପୁରାତନ କାଗଜାତରୁ ଆମେ ସୂଚନା ପାଇଥିଲୁ ୩୪ଟି ରାଜମୁକୁଟ ଭିତର ଭଣ୍ଡାରରେ ଥିଲା। (ତଥ୍ୟ- ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରବୀନ୍ଦ୍ର ନାରାୟଣ ଦାଶ)। ଆମର ଉତ୍ସୁକତା ବଢ଼ିଲା। ପରମ୍ପରା ଅନୁଯାୟୀ ଓଡ଼ିଶାର ଗଜପତିମାନେ ଯୁଦ୍ଧରେ ପ୍ରତିପକ୍ଷକୁ ପରାସ୍ତ କରିବା ପରେ ପରାଜିତ ରାଜା/ମହାରାଜାମାନେ ନିଜର ରାଜମୁକୁଟକୁ ଗଜପତିଙ୍କୁ ହସ୍ତାନ୍ତର କରୁଥିଲେ। ଅନୁସନ୍ଧାନରୁ ଜାଣିଲୁ ଓଡ଼ିଶାର ପ୍ରାଚୀନ ସେନାବାହିନୀ ଗଡ଼, ଦୁର୍ଗ ଓ ସାମ୍ରାଜ୍ୟ ସମୁଦାୟ ୪୬ଟିରେ ବିଜୟଲାଭ କରିଥିଲେ। ତେଣୁ ଆଉ ୧୨ଟି ରାଜମୁକୁଟ କେଉଁଠି ରହିଲା ତା'ର ସୂଚନା ନାହିଁ। ତେବେ କ'ଣ ଲାଙ୍ଗୁଳା ନରସିଂହଦେବ, ତୁଗାନ୍ ଖାଁଙ୍କ ମହଲରୁ ଆଣିଥିବା ସେଇ ୧୨ଟିମୁକୁଟକୁମିଶାଇ ୪୬ଟିହେବ ? ଏହା ସମ୍ଭାବନା ମାତ୍ର। ଆମେ ଅନୁସନ୍ଧାନରୁ ଦୂରେଇ ଯାଇନୁ। ଚାଲୁ ରହିଛି।

ସେହି ଯୁଦ୍ଧରୁ ଫେରିବା ପରେ ମହାଶ୍ରମ ଆଦେଶ ଦେଇଥିଲେ- ନିଜର ଏକ ସ୍ୱତନ୍ତ୍ର ବିଗ୍ରହ ଗଢ଼ିବା ପାଇଁ। ଶିବେଇ ସାମନ୍ତରାୟ ହଁ ତ ଭରିଲେ! ଟିକିଏ ମହାଶ୍ରମଙ୍କ ମୁହଁକୁ ଚାହିଁଲେ। ଗଜପତି ବୁଝିପାରିଲେ। କହିଲେ- ଜଣେ ଯୋଦ୍ଧା ଯୁଦ୍ଧରୁ ବିଜୟଲାଭ କରି ଫେରିବାର ମୁଦ୍ରାରେ ବିଗ୍ରହ ନିର୍ମାଣ ହେବ। ବିଜୟୀ ବିଗ୍ରହ। ଶିବେଇ ସାମନ୍ତରା କହିଲେ- ନିଶ୍ଚୟ ହେବ। ସେଥିପାଇଁ ସେ ବରାଦ କଲେ ୨୫ ମାଢ଼ ସୁନା।

ଶିବେଇ ସାମନ୍ତରାୟ ବିଜୟୀ ବିଗ୍ରହ ନିର୍ମାଣ ପାଇଁ ଆଦେଶ ଦେବା ପରେ ଗର୍ଭଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ଗର୍ଭପିଣ୍ଡି ବାସ୍ତୁ ଅନୁସାରେ ମାପଚୁପ ହେଲା। ଗିରିଧର ମହାପାତ୍ର ଅନୁରୋଧ କଲେ ନବଗ୍ରହ ପଥର ସ୍ତମ୍ଭର ତଳଭାଗ ଖୋଦେଇ ସରିଛି, ଆପଣ ଆସି ଟିକେ ଦେଖିଦିଅନ୍ତୁ। ସୂତ୍ରଧର (ଶିବେଇ ସାମନ୍ତରାୟ) ଦେଖି ସାରିବା ପରେ ସହମତ ହେଲେ। ସେତିକିବେଳେ ଦାମ



ଜାତୀୟ ସଂଗ୍ରହାଳୟ, ନୂଆଦିଲ୍ଲୀରେ ଥିବା ଲାଙ୍ଗୁଳା ନରସିଂହ ଦେବଙ୍କ ବିଗ୍ରହ।
**(ସୌଜନ୍ୟ – ଡ. କୁମାର ଆରଜ୍ୟୋତି)**

ମହାପାତ୍ର କହିଲେ ମୋ କାମ ସରିଯାଇଛି। ନିର୍ମାଣ ନିୟମ ଅନୁସାରେ ତାହାକୁ ହସ୍ତାନ୍ତର କରିବାକୁ ଚାହୁଁଛି। ସୂତ୍ରଧର କହିଲେ, ତମେ ପରା ଚାରି ବାହୁ ବିଶିଷ୍ଟ ବିରଞ୍ଚି ନାରାୟଣଙ୍କର ବିଗ୍ରହ ନିର୍ମାଣ କରୁଥିଲ। ସମାପ୍ତ ହୋଇଛି ? ଦାମ ମହାପାତ୍ର ତାଙ୍କୁ ପାଛୋଟି ନେଲେ। ସୂତ୍ରଧର ଦେଖିଲେ ଦୁଇ ହାତରେ ପଦ୍ମ ଅଛି। ଗୋଟିଏ ହାତରେ ବେଦପୁସ୍ତକ। ଅନ୍ୟ ହାତରେ କମଣ୍ଡଳୁ। ଶ୍ରୀସୂର୍ଯ୍ୟ ଓ ଶ୍ରୀବ୍ରହ୍ମାଙ୍କର ଏହି ମିଳିତ ବିଗ୍ରହ ଦେଖି ଦଣ୍ଡେ ଅଟକିଗଲେ ସୂତ୍ରଧର।

ସୂତ୍ରଧର ପୁଣି ଫେରିଗଲେ ଗର୍ଭଗୃହକୁ। ରାମ ମହାପାତ୍ର, ମଧୁ ଓ ବିଶ୍ୱନାଥ ମହାପାତ୍ରଙ୍କୁ ସିଂହାସନ ନିର୍ମାଣର ମାପଦେଲେ। ସେମାନେ ପାଞ୍ଚଜଣ ପଥୁରିଆଙ୍କ ସହିତ କାର୍ଯ୍ୟ ସମାପ୍ତ କରିବେ ବୋଲି କହିବା ପରେ ସୂତ୍ରଧର ମୁଖଶାଳା ନିକଟରେ ପହଞ୍ଚିଥିଲେ। ମୁଖଶାଳାର ଦୁଆରବନ୍ଧ ସୂକ୍ଷ୍ମକାମ ଦାୟିତ୍ୱରେ ଥିଲେ ଗଦାଧର ମହାପାତ୍ର ଓ ରାମ ମହାରଣା। ଏହାପରେ ନିଧି ମହାରଣାଙ୍କ ନେତୃତ୍ୱରେ ୨୪ଜଣ ନିଯୁକ୍ତ ହୋଇଥିଲେ ସିଂହଦ୍ୱାର ଗୁମୁଟ ନିର୍ମାଣ କାର୍ଯ୍ୟ ପାଇଁ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତରଦ୍ୱାର ପାଇଁ 'ହାତୀଦ୍ୱାର' ଓ ଦକ୍ଷିଣଦ୍ୱାର ପାଇଁ 'ଘୋଡ଼ାଦ୍ୱାର' ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ଶିଳ୍ପୀମାନଙ୍କୁ ପାଣି ଓ ପାନ ଯୋଗାଇବା ବ୍ୟବସ୍ଥା ହୋଇଥିବା କଥା ପୂର୍ବରୁ ସୂଚନା ଦେଇଥିଲୁ। ଦୋଳ ପୂର୍ଣ୍ଣମୀ ପୂର୍ବରୁ ପାଣି ଯୋଗାଉଥିବା ସମିୟାକୁ ୨୪ ଗୌଣୀ ଧାନ ଦିଆଯିବା ପରେ କାମ ବନ୍ଦ ହୋଇଥିଲା। ତିନି କାହାଣ କଉଡ଼ି ଦିଆଯାଇଥିଲା 'ଫଗୁ' କିଣାଯିବା ପାଇଁ। ଫଗୁଖେଳ ପାଇଁ ଦୁଇଦିନ କାର୍ଯ୍ୟ ବନ୍ଦ ହେଲା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ବେଳର ବ୍ୟବସ୍ଥା ଜାଣିବା ପରେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି, କେମିତି ଲେଖକମାନେ କଳ୍ପନା କରି ଲେଖିଲେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି! ଆଶ୍ଚର୍ଯ୍ୟ ତ ଲାଗୁଛି, କିନ୍ତୁ ସେମାନେ ଯେଉଁ ଚମକ ସୃଷ୍ଟି କରିବା ପାଇଁ ଓଡ଼ିଶାର ରାଜ ବ୍ୟବସ୍ଥା ତଥା ମନ୍ଦିର ନିର୍ମାଣ ବ୍ୟବସ୍ଥାକୁ ବିଶିଆଙ୍ଗୁଠି ଦେଖାଇଲେ ତାହା କାହାକୁ ନିନ୍ଦିତ କଲା ?

ପୋଥିର ତଥ୍ୟ ଅନୁଯାୟୀ ଦୁଇ ମାସ ଧରି ଲଗାତାର ପଥର କାମ କରୁଥିବା ୩୨ଜଣ ଶିଳ୍ପୀଙ୍କୁ ଦୋଳ ଉତ୍ସବ ଅବସରରେ ନିଜ ନିଜ ଘରକୁ ବିଶ୍ରାମ ପାଇଁ ପଠାଯାଇଥିଲା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ସେମାନେ ଘରକୁ ଯିବା ପାଇଁ ବାଟଖର୍ଚ୍ଚ ନିଜ ପାଉଣାରୁ ଖର୍ଚ୍ଚ କରି ନ ଥିଲେ। ରାସ୍ତାରେ ଖାଦ୍ୟ ଗ୍ରହଣ ପାଇଁ ଚାଉଳ ମଧ୍ୟ ଦିଆଯାଇଥିଲା। ସମ୍ମାନର କଥା। ସେବେଳେ ଆଜିକାଲି ପରି ଭୋଜନାଳୟ ବ୍ୟବସ୍ଥା ରାସ୍ତା କଡ଼ରେ ନ ଥିଲା। ରୋଷେଇ କରି ଖାଇବାକୁ ପଡୁଥିଲା। ସେଥିପାଇଁ ପ୍ରଶାସନିକ ସ୍ତରରେ ସୁବ୍ୟବସ୍ଥା କରାଯିବା, ଗୋଟାଏ ଜାତିର ମହନୀୟତାକୁ ପ୍ରମାଣିତ କରିଥାଏ।

